# <u>ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଝୁମ୍ପୁରା,କେନ୍ଦୁଝର</u>

**ପତ୍ର ସଂଖ୍ୟା-୮୭୯ /ତାରିଖ- ୦୪.୦୭.୨୦୨୬**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଝୁମ୍ପୁରା ଅଧିନସ୍ଥ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡିକର୍ମୀ ପଦବୀ ପୂରଣ ନିମନ୍ତେ ଓଡିଶା ସରକାରଙ୍କର ପରିବର୍ତିତ ନିୟମାବଳୀ, **(ପତ୍ରସଂଖ୍ୟା- ୪୯୭୦/ ତା -୧୫/୦୩/୨୦୨୩)** ଅନୁଯାୟୀ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ରମିକ ସଂଖ୍ୟା | ଗ୍ରାମପଞ୍ଚାୟତର ନାମ | ଗ୍ରାମର ନାମ | ବିଜ୍ଞପିତ ଅଙ୍ଗନୱାଡି କେନ୍ଦ୍ରର ନାମ | କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ବିବରଣୀ |
|---|---|---|---|---|
| ୦୧ | ବଡ଼ନେଉଳି | ପାଣପଣି | ପାଣପଣି | ଦିଲ୍ଲୀପ କୁମାର ଗଜେନ୍ଦ୍ର ସିଂ (ଘର ସଂଖ୍ୟା ୦୦୧) ଠାରୁ ଚନ୍ଦ୍ର ମୋହନ ମୁଣ୍ଡା (ଘର ସଂଖ୍ୟା ୧୪୪ ) ପର୍ଯ୍ୟନ୍ତ |
| ୦୨ | ନିଷ୍ଠିନ୍ତପୁର | ଆମଲାନିଗୋଡା | ଆମଲାନିଗୋଡା-୦୨ | ଶମ୍ଭୁ ମୁଣ୍ଡା (ଘର ସଂଖ୍ୟା ୦୦୧) ଠାରୁ ବିକାଶ ମୁଣ୍ଡା (ଘର ସଂଖ୍ୟା ୧୫୩ ) ପର୍ଯ୍ୟନ୍ତ |

ଇଚ୍ଛୁକ ପ୍ରାର୍ଥୀନୀମାନେ ସରକାରଙ୍କର ପୋର୍ଟାଲ **(https://engagement-awc.odisha.gov.in/)** ମାଧ୍ୟମରେ ଦରଖାସ୍ତ ପୂରଣକରି ଆବେଦନ କରିପାରିବେ। କୌଣସି ଦରଖାସ୍ତ ଅଫଲାଇନ ମାଧ୍ୟମରେ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀନୀମାନେ **ତା- ୦୭/୦୭/୨୦୨୬ ରିଖ** ଠାରୁ **ତା- ୨୦/୦୭/୨୦୨୬ ରିଖ** ମଧ୍ୟରେ ଅନଲାଇନ ପୋର୍ଟାଲରେ ଦରଖାସ୍ତ ଆବେଦନ କରିବେ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ **୨୦/୦୭/୨୦୨୬** । ଧାର୍ଯ୍ୟ ତାରିଖ ପରେ ଦରଖାସ୍ତ ଅନଲାଇନ ପୋର୍ଟାଲରେ ଆବେଦନ ହୋଇପାରିବ ନାହିଁ।

## <u>ଅଙ୍ଗନୱାଡି କର୍ମୀ ମନୋନୟନ ପାଇଁ ଯୋଗ୍ୟତା ଓ ସର୍ତ୍ତାବଳୀ</u>

୧. ପ୍ରାର୍ଥୀନୀ କେବଳ ଅନୁସୂଚିତ ଜନଜାତି ବର୍ଗର ମହିଳା ହୋଇଥିବେ ।

୨. ପ୍ରାର୍ଥିନୀଙ୍କ ସର୍ବନିମ୍ନ ବୟସ ତା-୦୧/୦୧/୨୦୨୬ ରିଖ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହୋଇଥିବ ଓ ସର୍ବୋଚ୍ଚ ବୟସ ସୀମା ୩୫ ବର୍ଷରୁ ଅଧିକ ହୋଇନଥିବ ।

୩. ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ (+୨) ପାସ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବ।

୪. ସରକାରଙ୍କ ନିୟମ ଅନୁଯାୟୀ ଆଦିବାସୀ, ବିଧବା, ଅନାଥ, ସ୍ୱାମୀ ପରିତ୍ୟକ୍ତା, ଅସହାୟ, ଉଚ୍ଚତର ଶିକ୍ଷା ବର୍ଗର ହୋଇଥିଲେ ଅତିରିକ୍ତ ନିର୍ଦ୍ଧାରିତ ନମ୍ବର ପ୍ରଦାନ କରାଯିବ।

୫. ଅଙ୍ଗନୱାଡି କେନ୍ଦ୍ର ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ପ୍ରାର୍ଥୀନୀ ଆବେଦନ କରି ପାରିବେ ମାତ୍ର ସର୍ବପ୍ରଥମେ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ଅବେଦନକାରୀଙ୍କୁ ଅଗ୍ରାଧିକାର ଦିଆଯିବ । ଯୋଗ୍ୟ ପ୍ରାର୍ଥୀନୀ ନ ମିଳିଲେ ସମ୍ପୃକ୍ତ ଗ୍ରାମ, ନିକଟସ୍ଥ ଗ୍ରାମ ଓ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କ୍ରମାନ୍ୱୟରେ ପ୍ରାର୍ଥୀନୀଙ୍କୁ ଚୟନ କରାଯିବ ।

୬. ପ୍ରାର୍ଥିନୀ ଅଙ୍ଗନୱାଡି କେନ୍ଦ୍ରର ସହାୟିକା ଭାବେ ୦୫ ବର୍ଷରୁ ଉର୍ଦ୍ଧ୍ୱ ସୂଚାରୁ ରୂପେ କାର୍ଯ୍ୟ ସଂପାଦନ କରିଥାଏ ଏବଂ ସରକାରଙ୍କ ସମସ୍ତ ନିୟମାବଳୀ ପାଳନ କରୁଥାଏ, ତେବେ ସେ ଯେକୌଣସି ବର୍ଗର (ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ) ହୋଇଥିଲେ ମଧ୍ୟ ଅଙ୍ଗନୱାଡିକେନ୍ଦ୍ରର କର୍ମୀପଦବୀ ପାଇଁ ଯୋଗ୍ୟ ହେବେ ।

୭. ପ୍ରାର୍ଥିନୀ ଯଦି ପଞ୍ଚାୟତିରାଜ ବିଭାଗର ନିର୍ବାଚିତ ସଦସ୍ୟା ହୋଇଥାନ୍ତି, ତେବେ ଉକ୍ତ ପଦବୀ ନିମିତ୍ତ ଚୟନ କମିଟି ଦ୍ୱାରା ଯୋଗ୍ୟ ବିବେଚିତ ହୋଇସାରିବା ପରେ ପୂର୍ବ ପଦବୀରୁ ଇସ୍ତଫା ଦେଇ କର୍ମୀ ପଦବୀରେ ଯୋଗଦାନ କରିବେ।

Child Development Project Officer,
Jhumpura

ବି: ଦ୍ର:- *ପ୍ରାର୍ଥିନୀମାନଙ୍କର ଦରଖାସ୍ତ ଚୟନ କମିଟିର ସଦସ୍ୟଙ୍କ ଦ୍ୱାରା ତା- ୨୨/୦୭/୨୦୨୨ ରିଖ ସକାଳ ୧୦.୩୦ ଘଟିକାରେ ଯାଞ୍ଚ କରାଯିବ। ଏଣୁ ପ୍ରାର୍ଥିନୀମାନେ ମୂଳ ପ୍ରମାଣପତ୍ରଗୁଡିକ ସହ ଉପଜିଲ୍ଲାପାଳ, ଚମ୍ପୁଆଙ୍କ ସଭାଗୃହରେ ଉପସ୍ଥିତ ରହିବେ। ଆବଶ୍ୟକୀୟ ପ୍ରମାଣପତ୍ର ସହ ଅନଲାଇନରେ ପ୍ରଦାନ କରି ନ ଥିଲେ ଉକ୍ତ ଦରଖାସ୍ତକୁ ନାକଚ କରାଯିବ।*

ପ୍ରାର୍ଥୀନୀ ନିମ୍ନଲିଖିତ ସାର୍ଟିଫିକେଟର ଫୋଟୋ  କପି ଅନଲାଇନରେ ଅପଲୋଡ଼ କରିବେ ଏବଂ ଦରଖାସ୍ତ ସହ ସଂଲଗ୍ନ କରିବେ:

୧. ପାସପୋର୍ଟ ଫଟୋ ।
୨. ଦ୍ୱାଦଶ (+୨) ପାସ ସାର୍ଟିଫିକେଟ ଓ ମାର୍କସିଟ୍।
୩. ଅଧିକ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ୍।
୪. ଜାତିଗତ ପ୍ରମାଣ ପତ୍ର। (ତହସିଲଦାରଙ୍କ ଠାରୁ)
୫. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର। (ତହସିଲଦାରଙ୍କ ଠାରୁ)
୬. ବିଧବା ପ୍ରମାଣପତ୍ର ।(ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର)
୭. ଅନାଥ ପ୍ରମାଣପତ୍ର। (ଉଭୟ ପିତା ଓ ମାତାଙ୍କ ମୃତ୍ୟୁ ପ୍ରମାଣ )
୮. ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର।
୯. ଅସହାୟ ପ୍ରମାଣପତ୍ର।
୧୦. ସାହାଯ୍ୟ କାରିଣୀ ଭାବରେ ୦୫ ବର୍ଷରୁ ଉର୍ଦ୍ଧ୍ୱକାଳ କାର୍ଯ୍ୟକରିଥିବାର ପ୍ରମାଣପତ୍ର। (ସି.ଡି.ପି.ଓଙ୍କ ଠାରୁ)
୧୧. ବିଜ୍ଞାପିତ କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର । (ସଂପୃକ୍ତ ଅଙ୍ଗନୱାଡି କର୍ମୀର ସର୍ଭେ ରେଜିଷ୍ଟର)

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଝୁମ୍ପୁରା
Child Development Project Officer
Jhumpura

ପରି ପତ୍ର ସଂଖ୍ୟା :୮୭୦ /ତା : ୦୪.୦୭.୨୦୨୨

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସଂପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କ ଅବଗତି ନିମନ୍ତେ ପଠାଗଲା । ସେମାନଙ୍କୁ ଅନୁରୋଧ ବିଜ୍ଞାପିତ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ଏବଂ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ଜାରି କରିବା ସହ ଏହାର ପ୍ରମାଣ ସ୍ୱରୂପ ଉକ୍ତ ଗ୍ରାମର ବ୍ୟକ୍ତିମାନଙ୍କର ସ୍ୱାକ୍ଷର କରାଇବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଝୁମ୍ପୁରା
Child Development Project Officer
Jhumpura

ପରି ପତ୍ର ସଂଖ୍ୟା :୮୭୧ /ତା : ୦୪.୦୭.୨୦୨୨

ଏହାର ଏକ କିତା ନକଲ ଉପ-ଜିଲ୍ଲାପାଳ, ଚମ୍ପୁଆ /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,କେନ୍ଦୁଝର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଝୁମ୍ପୁରା/ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ,ଝୁମ୍ପୁରା/ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ,ଝୁମ୍ପୁରାଙ୍କ ଅବଗତି ନିମନ୍ତେ ପଠାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଝୁମ୍ପୁରା
Child Development Project Officer
Jhumpura